# Akashvani, Sambalpur

## SAMBALPURI NEWS MORNING BULLETIN

## 23 April 2026 - 6.47- 6.52 am.

---

ରାଜ୍ୟ କେବିନେଟ        ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ କେବିନେଟ୍‌ର ୩୯ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୮ ଟା ବିଭାଗ୍‌ର୍ ୮ ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ଉତ୍‌ରୁ ସେସବୁକେ ଅନୁମୋଦନ୍ କରାଯାଇଛେ । ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି, ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍, ପୂର୍ତ, ବାଣିଜ୍ୟ ଆଉ ପରିବହନ୍, ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା, ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ଗୁଟେ ଲେଖା ପ୍ରସ୍ତାବ୍‌କେ ମଞ୍ଜୁରୀ ମିଳିଛେ । ବୈଠକ୍ ଉତ୍‌ରୁ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍,

(ଭଏସ୍ ଓଭର୍- ଅନୁ ଗର୍ଗ)

ନିଯୁକ୍ତି ମେଳା        ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବେଲ୍‌ବୁଢ଼େ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ହେବାର୍‌କେ ଥିବା ନିଯୁକ୍ତି ମେଳାଥି ୭ ଟା ବିଭାଗ୍‌ର ୪ ହଜାର୍ ୬ ଶହ ୨୩ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଇ ନିଯୁକ୍ତି ମେଳା ବଛ୍‌ରର୍ ପହେଲା ନିଯୁକ୍ତି ମେଳା ଆଏ ।

ଗଲାବଛର୍ ଡିସେମ୍ବର୍ ମାସ୍‌ତକ୍ ରାଜ୍ୟ ସର୍‌କାର୍ ୩୯ ହଜାର୍ ୪ ଶହ ୫୯ ଝନ୍‌କୁ ନିଯୁକ୍ତି ଦେଇସାଏଲେନ । ଆଝିରର୍ ନିଯୁକ୍ତିକେ ମିଶେଇକରି ସର୍‌କାର୍ ୨୨ ମାସ୍ ଭିତ୍‌ରେ ୪୪ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ନିଯୁକ୍ତି ଦେଇଛନ୍ ବଲି ଜନାପଡ଼ିଛେ ।

ଏମ୍‌ଏସ୍‌ପି          ପି.ଆଇ.ବି.

ଓଡ଼ିଶାର୍ ଚାଷୀମାନ୍‌କୁ ଏତ୍‌କର ମୁଗ୍, ବିର୍‌ହି, ମୁଗ୍‌ଫଲି, ସୂର୍ଯ୍ୟମୁଖୀ ଆଉ ସୁର୍‌ସୋ ବାଗିର୍ ୫ ଟା ଫସଲ୍‌ଥି ସର୍ବନିମ୍ନ

ସହାୟକ ମୂଲ୍ୟ- ଏମ୍ଏସ୍ପି ଦିଆଯିବା ବଲି କେନ୍ଦ୍ର ସର୍କାର୍ ଘୋଷ୍ନା କରିଛନ୍ । କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆଉ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ନୂଆଦିଲ୍ଲୀ ନ ହେଇଥିବା ବୈଠକ୍ ଉତ୍ରୁ ଇ ଘୋଷ୍ନା କରାଯାଇଛେ । ଇତାର୍ ଜରିଏ ରାଜ୍ୟର୍ ଚାଷୀମାନ୍କୁ ୧୯ ଶହ ୨୮ କୋଟିନୁ ଅଏତ୍କା ଟଙ୍କାର୍ ସାହାଜ୍ ମିଲିପାର୍ବା ।

କନ୍ସୁଲ୍ ଜେନେରାଲ୍ ସାକ୍ଷାତ୍କାର୍ ଆଇ ଆଣ୍ଡ୍ ପି.ଆର୍

ଆମେରିକାର୍ କନ୍ସୁଲ୍ ଜେନେରାଲ୍ ମିସ୍ ଲୌରା ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ସୌଜନ୍ୟମୂଲକ୍ ସାକ୍ଷାତ୍ କରିଛନ୍ । ସାକ୍ଷାତ୍ ବୈଠକ୍ଥି ଅକ୍ଷୟଶକ୍ତି, ସେମିକଣ୍ଡକ୍ଟର୍ ତିଆର୍, ଡିଜିଟାଲ୍ ଭିତିଭୂମି, ପୁଞ୍ଜିନିବେଶ୍, ଓଡ଼ିଶାର୍ ପର୍ଯ୍ୟଟନ୍, ସଂସ୍କୃତି ଆଉ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ ବାଗିର୍ ଭିନ୍ ଭିନ୍ ବିଷେ ବାବ୍ଦେ ଆଲୋଚନା ହେଇଥିଲା । କନ୍ସୁଲ୍ ଜେନେରାଲ୍ ଓଡ଼ିଶାର୍ ବିପଦ୍

ପରିଚାଳନା ଆଉ ବାତ୍ୟା ଉତ୍ତରର୍ ବିଦ୍ୟୁତ୍ ପୁନରୁଦ୍ଧାର୍ କାମ୍‌ର ପ୍ରଶଂସା କରିଥିଲେ ।

ଏଲ୍‌ପିଜି ଯୋଗାଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇହାଦେ ଚାଲିଥିବା ଭୂ-ରାଜନୈତିକ ପରିସ୍ଥିତିଥି ରାଏଜେ ଏଲ୍‌ପିଜି, ପେଟ୍ରୋଲ୍ ଆଉ ଡିଜେଲ୍‌ର ଯୋଗାଣ ସ୍ୱାଭାବିକ୍ ଆଉ ସ୍ଥିର୍ ରହିଛେ ବଲି ଇଣ୍ଡିଆନ୍ ଅଏଲ୍ ସ୍ପଷ୍ଟ୍ କରିଛେ । ରାଏଜେ ଜରୁରୀ ଇନ୍ଧନ୍ ଯୁଗାବାର୍ ଲାଗି ପରିସ୍ଥିତି ଉପ୍‌ରେ କଡ଼ା ନଜର୍ ରଖାଯାଇଛେ । ଇଣ୍ଡେନ୍ ଏଲ୍‌ପିଜି ଗ୍ରାହକ୍‌ମାନ୍‌କର୍ ସୁବିଧା ଲାଗି ଅଭିଯୋଗ୍ ପଞ୍ଜିକରଣ୍ ଆଉ ତାର୍ ସମାଧାନ୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କରାଯାଇଛେ । ଜରୁରୀକାଲୀନ୍ ସାହାଜ୍ ଲାଗି ୨୪ ଘଂଟିଆ ହେଲ୍ପ ଲାଇନ୍ ନମ୍ବର୍ ଭିଲ୍ ଜାରି କରାଯାଇଛେ । ଗ୍ରାହକ୍‌ମାନେ ୱେବ୍‌ସାଇଟ୍ ଆଉ ମୋବାଇଲ୍ ଆପ୍ଲିକେସନ୍ ଜରିଏ ଭିଲ୍ ଅଭିଯୋଗ୍ ଦାଖଲ୍ କରିପାର୍‌ବେ ।

ଇଂରାଜୀ ବନାନ୍ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ କେତେଟା ଜାଗାର୍ ଓଡ଼ିଆ ଉଚ୍ଚାରଣ୍ ଅନ୍‌ସାରେ ଇଂରାଜୀ ବନାନ୍ ସଂଶୋଧନ୍ ବାବ୍‌ଦେ ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ସାର୍ବଜୀନନ ସୂଚନା ଜାରି କରାଯାଇଛେ । ଭିନ୍ ଭିନ୍ ଜିଲ୍ଲା, ସଦର୍ ମହକୁମା, ଉପଖଣ୍ଡ, ତହସିଲ୍ ଆଉ ବ୍ଲକ୍ ମାନ୍‌କର୍ ସର୍‌କାରୀ ଭାବେ ବେଭାର୍ ହଉଥିବା ଇଂରାଜୀ ନାଁ ଓଡ଼ିଆ ନାଁର୍ ଅପଭ୍ରଂଶ ହେଇଥିଲେ ସେସବୁର ଓଡ଼ିଆ ନାଁର୍ ପୁନରୁଦ୍ଧାର୍ ଲାଗି ସାଧାରଣ୍ ଲୁକ୍‌କର୍‌ନୁ ପରାମର୍ଶ ଆଉ ପ୍ରସ୍ତାବ୍ ନିଆଯାଇକରି ଇ ନିଷ୍ପତି ନିଆଯାଇଛେ ।

ଅନ୍‌ଲାଇନ୍ ଗେମିଂ ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ଅନ୍‌ଲାଇନ୍ ଗେମିଂର ପ୍ରସାର୍ ଆଉ ନିୟନ୍ତ୍ରଣ୍ ଆଇନ୍-୨୦୨୫ ଲାଗି ଗୁଟେ ପ୍ରାଧିକରଣ୍ ଗଠନ୍ କରିଛନ୍ । ସୂଚନା, ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଲୟ ତର୍‌ଫୁ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ । ଇଥି ମନ୍ତ୍ରଣାଲୟର୍ ଅତିରିକ୍ତ ସଚିବଙ୍କୁ ଅଧ୍ୟକ୍ଷ ଦାୟିତ୍ୱ

ସହେତେ ଗୃହ, ଅର୍ଥ, ଆଇନ୍, ସୂଚନା ଆଉ ପ୍ରସାରଣ ଆଉ କ୍ରୀଡ଼ା ମନ୍ତ୍ରଣାଳୟର୍ ଯୁଗ୍ମ ସଚିବ ସଦସ୍ୟ ରହିଛନ୍ ।

ବିଶ୍ୱ ପୁସ୍ତକ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

ବହିପଢ଼ାକେ ତହଁକାବାର୍ ଲାଗି ଫି ବଛର୍ ଏପ୍ରିଲ୍ ୨୩ ତାରିଖ୍ ଦିନକେ ବିଶ୍ୱ ପୁସ୍ତକ ଦିବସ୍ ଭାବେ ପାଳନ୍ କରାଯାଉଛେ । ବହି ବାଂଟ୍ବାର୍ ଆଉ ପଢ଼୍ବାର୍ଟା ଇ ଦିନେ ଜୋର୍ ଦିଆଯାଏସି । ବହି ଲେଖ୍ବାର୍, ପଢ଼୍ବାର୍, ଅନୁବାଦ୍, ପ୍ରକାଶନ୍ ଆର୍ କପିରାଇଟ୍ର ସୁଫଲ୍କେ ସାରା ପୁର୍ଥି ନ ତହଁକାବାର୍ ଇ ଦିବସ୍ର ଲକ୍ଷ୍ୟ ଆଏ । ୟୁନେସ୍କୋ ତର୍ଫୁ ୧୯୯୫ ମସିହା ଏପ୍ରିଲ୍ ୨୩ ତାରିଖ୍ ଦିନ ଇ ଦିବସ୍ ପହେଲା ପାଳନ୍ କରାଯାଇଥିଲା ।

ପଟ୍ଟା ବଂଟନ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲାକାଏଲ୍ଠାନୁ ହାଇଟେକ୍ ସର୍ଭେର ଚୂଡ଼ାନ୍ତ ପଟ୍ଟା ବାଂଟ୍ବାର୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପହେଲା ଦିନେ

ଜିଲ୍ଲାର୍ ୬ ଟା ତହସିଲ୍ ନ ଶହେ ୬୦ ନୁ ଅଏତ୍କା ପଟ୍ଟା ବଂଟାଯାଇଛେ । ବୀର୍ମହାରାଜ୍ପୁର୍ ତହସିଲ୍ର ପିତାମହୁଲ୍ ଠାନେ ବିଧାୟକ୍ ରଘୁନାଥ୍ ଜଗ୍ଦଲା, ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ଉପସ୍ଥିତିଥି ୨୫ ଝନ୍ ରୟତଙ୍କୁ ପଟ୍ଟା ଦିଆଯାଇଛେ । ସେନ୍ତା ଉଲୁଣ୍ଡା ତହସିଲ୍ ନ ୭୯ ଟା ସୋନ୍ପୁର୍ ତହସିଲ୍ ନ ୩୮ ଟା ପଟ୍ଟା ବଂଟାଯାଇଛେ ।

ସଡ଼କ୍ ସୁରକ୍ଷା -ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ସଡ଼କ୍ ସୁରକ୍ଷା କମିଟି ମାସିକ୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ବେଗ ନିରୋଧକ୍ ଥାପ୍ନା, ସଡ଼କ୍ ସୁରକ୍ଷା ସଙ୍କେତ୍ ଫଲକ, ରାସ୍ତା ମରାମତି ବାଗିର୍ ଭିନ୍ ଭିନ୍ କାମ୍ ବାବ୍ଦେ ଆଲୋଚନା ହେଇଛେ ।

ମୁଖ୍ୟମନ୍ତ୍ରୀ କପ୍ ଫୁଟ୍ବଲ ଆଇ ଆଣ୍ଡ୍ ପି.ଆର୍

ସମ୍ବଲ୍ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍‌ନୁ ଚାଲିଥିବା ୧୪ ବଛର୍‌ନୁ କମ୍ ବାଳକ ଆନ୍ତଃକ୍ଲବ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଗଲାକାଏଲ୍ ହୀରାକୁଦ୍ ଏଥ୍‌ଲେଟିକ୍ ଆସୋସିଏସନ୍ ଆଉ ବ୍ଲୁ ଡାଇମଣ୍ଡ୍ କ୍ଲବ୍ ଜିତିଛନ୍ । ଆଏବା ୨୪ ତାରିଖ୍ ଉପର୍‌ବେଲା ହେବାର୍‌କେ ଥିବା ଫାଇନାଲ୍ ମେଚ୍‌ଥି ହୀରାକୁଦ୍ ଏଥ୍‌ଲେଟିକ୍ ଅସୋସିଏସନ୍ ଆଉ ମେହେର୍ ଆସୋସିଏସନ୍ ଭିତ୍‌ରେ ଖେଲ୍ ହେବା ।